# ସବୁଜ ସ୍ୱର୍ଣ୍ଣ

## Green Gold

News Letter

କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼

Krishi vigyan Kendra, (O.U.A.T.), NAYAGARH

ଅପ୍ରେଲ୍ - ଜୁନ୍ ସମାଚାର ପତ୍ର ୨୦୨୨


### ଟ୍ରାକ୍ଟର ଚାଳିତ ଧାନବୁଣା ଯନ୍ତ୍ରର ସଫଳ କ୍ଷେତ୍ର ପରୀକ୍ଷଣ

ନୟାଗଡ଼ ଜିଲ୍ଲାରେ ପ୍ରାୟ ୯୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଏ ସେଥିମଧ୍ୟରୁ ଶତକଡ଼ା ୬୦ ଭାଗ ଜମିରେ ଧାନରୁଆ ଏବଂ ଶତକଡ଼ା ୪୦ଭାଗ ଜମିରେ ଧାନବୁଣା କାର୍ଯ୍ୟ କରାଯାଏ । ଜିଲ୍ଲାର ଭାପୁର ଏବଂ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କରବର ଏବଂ ଉଦୟପୁର ଗ୍ରାମରେ ଦୁଇ ହେକ୍ଟର ଜମିରେ ୧୦ ଜଣ ପ୍ରମୁଖ ଚାଷୀଙ୍କୁ ନେଇ ଟ୍ରାକ୍ଟର ଚାଳିତ ମଞ୍ଜିବୁଣା ଯନ୍ତ୍ର ସାହାଯ୍ୟରେ ଏକ କ୍ଷେତ୍ରପରୀକ୍ଷଣ କରାଯାଇଛି । ଏହି ଯନ୍ତ୍ରଦ୍ୱାରା ଧାଡ଼ିକୁ ଧାଡ଼ି ଏବଂ ଗଛକୁ ଗଛ ବ୍ୟବଧାନ ୨୫x୧୬ ସେଣ୍ଟିମିଟର ରଖାଯାଇପାରେ । ଏହି ଯନ୍ତ୍ର ବ୍ୟବହାର କରିବାଦ୍ୱାରା ଘଣ୍ଟାପ୍ରତି ଏକ ଏକର ଜମିରେ ମଞ୍ଜିବୁଣା କାର୍ଯ୍ୟ ହୋଇପାରେ ଏବଂ ମଞ୍ଜିର ପରିମାଣ ୧୦ ରୁ ୧୨ କେଜି ବ୍ୟବହାର କରାଯାଇ ଧାନବୁଣା କାର୍ଯ୍ୟ ହୋଇଥିଲା । ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ମଞ୍ଜି ସଠିକ ଗଭିରତାରେ ୫ ସେମି ପଡ଼ିବା ଦ୍ୱାରା ଭଲ ଅଙ୍କୁରୋଦ୍‌ଗମ ହୋଇଥାଏ । ଏହି




ଯନ୍ତ୍ରର କାର୍ଯ୍ୟକାରିତା ଓ ଦକ୍ଷତାକୁ ଉପଲବ୍ଧ କରି ଚାଷୀଭାଇମାନେ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରିବା ସହ ଭବିଷ୍ୟତରେ ଏହାକୁ ବ୍ୟବହାର କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହାକୁ କୃଷି ଯନ୍ତ୍ରପାତି ବିଭାଗର ବୈଜ୍ଞାନିକ ଇଂ.ସୁଚିସ୍ମିତା ଦ୍ୱିବେଦୀ ପରିଚାଳନା କରିଥିଲେ ।

### ମାଛରୁ ମୂଲ୍ୟଯୁକ୍ତ ପଦାର୍ଥ (ଆଚାର) ପ୍ରସ୍ତୁତିର କ୍ଷେତ୍ର ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବାଣପୁର ଏବଂ ଗଣିଆ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲି ଗ୍ରାମରେ ମାଛର ମୂଲ୍ୟଯୁକ୍ତ ଖାଦ୍ୟ (ଆଚାର) ପ୍ରସ୍ତୁତି ଏକ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତିର ସ୍ୱୟଂସହାୟକ ଗୋଷ୍ଠୀର




ମହିଳାମାନେ ମାଛରୁ ଆଚାର ପ୍ରସ୍ତୁତ କରିଥିଲେ । ଏହି ୨ଟି ଯାକ ଗ୍ରାମ ମହାନଦୀ ଉପକୂଳରେ ଅବସ୍ଥିତ ଥିବାରୁ ଅନୁସୂଚିତ ଜାତିର ଭାଇ ଓ ଭଉଣୀମାନେ ମୁଖ୍ୟତଃ ମାଛ ଧରିବା ଏବଂ ଏହାକୁ ବିକ୍ରି କରିବା ଉପରେ ନିର୍ଭର କରିଥାନ୍ତି । ସମୟ ସମୟରେ ବଜାର

ଚାହିଦା ଠାରୁ ଅଧିକ ଉତ୍ପାଦନକୁ ସେମାନେ ମାଛ ଆଚାର କରି ଭବିଷ୍ୟତରେ ବିକ୍ରି କରି ଆତ୍ମ ନିର୍ଭରଶୀଳ ହେବାପାଇଁ ଏହି କାର୍ଯ୍ୟକ୍ରମଟି ଉଦ୍ଦିଷ୍ଟ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧୦ ଜଣରୁ ଉର୍ଦ୍ଧ୍ୱଚାଷୀ ଅନୁସୂଚିତ ଜାତିର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯାନ୍ତ୍ରୀକରଣ ବୈଜ୍ଞାନିକ ଇଁ ସୁଚିସ୍ମିତା ଦ୍ୱିବେଦୀ ଓ ବୈଜ୍ଞାନିକ ଗୃହବିଜ୍ଞାନୀ ଶ୍ରୀମତୀ ଗୀତାଞ୍ଜଳୀ ସୁବୁଦ୍ଧିଙ୍କର ତତ୍ତ୍ୱାବଧାନରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ICAR-CIFT ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।




## ଟ୍ରାକ୍ଟର ଚାଳିତ ହୁଡ଼ାଟେକା ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନ

ନୟାଗଡ଼ ଜିଲ୍ଲାରେ ଆଖୁ ଏକ ପ୍ରଧାନ ଅର୍ଥକାରୀ ଫସଲ । ନୟାଗଡ଼ ଜିଲ୍ଲାର ଚାଷୀମାନେ ଆଖୁରୁ ଗୁଡ଼ ପ୍ରସ୍ତୁତି କରିବାପାଇଁ ଆଖୁଚାଷ କରିଥାନ୍ତି । ଆଖୁ ଲଗାଇବା ପାଇଁ ହେଲେ ଚାଷୀଭାଇମାନେ ଜମି ପ୍ରସ୍ତୁତି ସାଧାରଣତଃ ହଳ ଲଙ୍ଗଳରେ କରିଥାଆନ୍ତି । ଯାହାଦ୍ୱାରାକି ଅଧିକ ସମୟ ସହିତ ଅଧିକ ମୂଲିଆ ଖର୍ଚ୍ଚ ହୋଇଥାଆନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆଖୁଗୁଡ଼ିକ ଲଗାଇବାର ବେଡ଼ କରିବାପାଇଁ ଏକ ଟ୍ରାକ୍ଟର ଚଳିତ ହୁଡ଼ା ତିଆରି ଯନ୍ତ୍ରର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ ଜିଲ୍ଲାର ବିଭିନ୍ନ ଗ୍ରାମରେ ୧୦ ଜଣ ଅଗ୍ରଣି ଚାଷୀମାନଙ୍କୁ ନେଇ କାରାଯାଇଥିଲା ଏବଂ ଏହି ଯନ୍ତ୍ର ବ୍ୟବହାର କରି ଏକ ଏକର ଜମିରେ ଏକ ଘଣ୍ଟା ସମୟ ମଧ୍ୟରେ ଭଲ ଭାବରେ ହୁଡ଼ା ଗୁଡ଼ିକ ପ୍ରସ୍ତୁତ ହୋଇପାରିଥିଲା । ଏହାଦ୍ୱାରା ଧାଡ଼ିକୁ ଧାଡ଼ି ବ୍ୟବଧାନ ୯୦ ସେଣ୍ଟିମିଟର ରହିଥିଲା । ଯାହାକି ଅନ୍ୟାନ୍ୟ ଅନ୍ତଃଫସଲ ଏବଂ ଘାସ ବଛା କାର୍ଯ୍ୟ କରିବା ପାଇଁ ସୁବିଧା ହୋଇଥାଏ । ଏହି ଯନ୍ତ୍ରଟିର ଉପାଦୟତାକୁ ଉପଲବ୍ଧ କରି ଚାଷୀଭାଇମାନେ ଏହାକୁ ଭବିଷ୍ୟତରେ ଆପଣେଇବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି ।




## ଅକ୍ଷୟ ତୃତୀୟା ଦିବସ ପାଳିତ

ଓଡିଶାରେ କୃଷିର ପରମ୍ପରାକୁ ବଜାୟ ରଖିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଫାର୍ମ ପ୍ରାଙ୍ଗଣରେ ଅକ୍ଷୟତୃତୀୟା ଦିବସ ଗତ ତା ୩.୫.୨୦୨୨ ରିଖ ଦିନ ପାଳିତ ହୋଇଯାଇଛି । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଓ ଆଖୁ ଗବେଷଣା କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀମାନେ ଉପସ୍ଥିତ ରହି ଭୂମିପୂଜା କରିବା ସହ ଅଖିମୁଠି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସମସ୍ତେ ସାମୂହିକ ଭାବେ ଆଗାମୀ ବର୍ଷା ଋତୁ ପାଇଁ ନୟାଗଡ଼ ଜିଲ୍ଲାର ଚାଷୀମାନଙ୍କର ଅଧିକ ଅମଳ, ଆୟ ପାଇଁ ମଙ୍ଗଳ କାମନା କରିଥିଲେ ।



## ଗରିବ କଲ୍ୟାଣ ସମ୍ମିଳନୀ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ର ପରସରରେ ତା ୩୧.୫.୨୦୨୨ ରିଖ ଦିନ ଗରିବ କଲ୍ୟାଣ ସମ୍ମୀଳନ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ର ବିଭିନ୍ନ ଅଞ୍ଚଳରୁ ଅନୁନ୍ୟ ୨୬୦ ଜଣ କୃଷକ ଓ କୃଷିଜୀବି ମହିଳାମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଅଭିଭାଷଣର ସିଧାପ୍ରସାରଣ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ମାନ୍ୟବର ପୂର୍ବତନ ସମବାୟ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢୀ ଯୋଗଦେଇ ଚାଷୀଭାଇମାନଙ୍କୁ କୃଷିର ପ୍ରମୁଖ ଦିଗ ସମ୍ବନ୍ଧରେ ଅଭିଭାଷଣ ଦେଇ ଚାଷୀମାନଙ୍କୁ

ଉତ୍ସାହିତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ଡ଼ଃ ଗୀତାଞ୍ଜଳୀ ସୁବୁଦ୍ଧି, କୃଷି ଯାନ୍ତ୍ରୀକରଣ ବୈଜ୍ଞାନିକ ଇଂ. ସୁଚିସ୍ମିତା ଦ୍ୱିବେଦୀ, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ତ୍ରୀବିଜୟୀ ବଡ଼ଜେନା ପାଣିପାଗର ବିଷୟ ବସ୍ତୁ ବିଶେଷଜ୍ଞ, ସ୍ନିଗ୍ଧା ପଟ୍ଟନାୟକ ପ୍ରମୁଖ ଯୋଗଦେଇ କୃଷକ ଓ କୃଷିଜୀବି ମହିଳାମାନଙ୍କୁ ପ୍ରାଧାନମନ୍ତ୍ରୀଙ୍କର ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧନର ସିଧା ପ୍ରସାରଣକୁ ପୁଙ୍ଖାନୁଖୁଙ୍ଖ ଭାବରେ ବୁଝାଇବା ସହିତ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରରେ କୃଷିର ଉନ୍ନତି ପାଇଁ ଗୁରୁତ୍ୱାରୋପ କରିଥିଲେ । ସର୍ବଶେଷରେ



ମୃତ୍ତିକା ବିଜ୍ଞାନର ବୈଜ୍ଞାନିକ ଡ଼ଃ ଲତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦ୍ଭିଦ ସ୍ୱାସ୍ଥ୍ୟ ଶିବିର

ଗତ ଜୁନ ୪ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ନିର୍ଦ୍ଦେଶାଳୟ ତଥା ଏମ୍.ଏସ୍.ସ୍ୱାମିନାଥନ ରିସର୍ଚ୍ଚ



ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ଉଦ୍ଭିଦ ସ୍ୱାସ୍ଥ୍ୟ ଶିବିର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ ଅନୁନ୍ୟ ୩୦ ଜଣ କୃଷକ ଓ କୃଷିଜୀବି ମହିଳାମାନେ ଭାଗନେଇ ନିଜ ଫସଲର ରୋଗ ପୋକ ଜନିତ ସମସ୍ୟାର ସମାଧାନ କରାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଭାଗର ବିଷୟ ବସ୍ତୁ ବିଶେଷଜ୍ଞ ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ର ରୋଗ ଓ ପୋକ ବିଭାଗର ବୈଜ୍ଞାନିକ ଶ୍ରୀ ପ୍ରସାନ୍ତ ପଣ୍ଡା ଯୋଗଦେଇ ରୋଗପୋକ ଜନିତ ସମସ୍ୟା ଉପରେ ଗୁରୁତ୍ୱାରୋପ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।



## ସନ୍ତୁଳିତ ସାର ପ୍ରୟୋଗର ସଚେତନତା କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗତ ତା ୨୧.୦୬.୨୦୨୨ ରିଖ ଦିନ ସନ୍ତୁଳିତ ସାର ପ୍ରୟୋଗର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଗ୍ରାମରୁ




ଆସିଥିବା କୃଷକ ଓ କୃଷିଜୀବି ମହିଳାମାନଙ୍କୁ ସନ୍ତୁଳିତ ସାରର ପ୍ରୟୋଗ ଏବଂ ଫସଲ ପରିଚାଳନା ବାବାଦରେ ବିସ୍ତୃତ ଜ୍ଞାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ର ମୃତ୍ତିକା ବିଜ୍ଞାନର ବୈଜ୍ଞାନିକ ଡ଼ଃ. ଲତା ମଲ୍ଲିକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଫସଲରେ ଆବଶ୍ୟକ ଅନୁଯାୟୀ ଅନୁମୋଦିତ ଖାଦ୍ୟ ସାରର ପ୍ରୟୋଗ ବିଷୟରେ କ୍ଷେତ୍ର ପରିଚାଳକ ଶ୍ରୀ ଦେବାଶିଷ ନାୟକ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଆଜିର କର୍ମବହୁଳ ଜୀବନରେ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ମୁଲ୍ୟଯୁକ୍ତ ଜୀବନ ପାଇଁ ଉତ୍ତମ ଶାରୀରିକ ଓ ମାନସିକ

ସ୍ୱାସ୍ଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ପରିସରରେ ଗତ ତା ୨୧.୦୬.୨୦୨୨ ରିଖ ଦିନ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ର ସମସ୍ତ ବୈଜ୍ଞାନିକ ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ପ୍ରତ୍ୟେକ୍ଷ ଭାଗନେଇ ସୁନ୍ଦର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଯୋଗ ତଥା ପ୍ରାଣାୟମ ବିଷୟରେ ଅନୁଭବ କରିବା ସହିତ କୃଷକ ଓ କୃଷିଜୀବି ମହିଳାମାନଙ୍କୁ ସଚେତନ କରାଇଥିଲେ । ଏଥିରେ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା । ପରିସେଶରେ କୃଷି ବିଜ୍ଞାନ କେନ୍ଦ୍ରର ଫାର୍ମ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା ।







## ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଅବସରରେ କୃଷକମେଳା

କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ପରିସରରେ ତା ୨୬.୦୪.୨୦୨୨ରିଖ ଦିନ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତିର ଏକ କୃଷକମେଳା ତଥା କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ବିଭିନ୍ନ ଅଞ୍ଚଳରୁ ଅନୁନ୍ୟ ୩୦୦ଜଣରୁ ଉର୍ଦ୍ଧ୍ୱ କୃଷକ ଓ କୃଷିଜୀବି ମହିଳାମାନେ ଯୋଗଦାନ କରିଥିଲେ । ଏଥିରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଅଭିଭାଷଣର ସିଧାପ୍ରସାରଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ଅନିଲ କୁମାର ସ୍ୱାଇଁ ପୌରହିତ୍ୟ କରିଥିବାବେଳେ ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ




ଶ୍ରୀଯୁକ୍ତ ବିଜୟ କୁମାର ପ୍ରଧାନ ପ୍ରାକୃତିକ କୃଷିର ଗରୁତ୍ୱ ଉପରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ସହିତ କେନ୍ଦ୍ରରେ ଉପସ୍ଥିତ ଥିବା ସମସ୍ତ ବିଭାଗର ବୈଜ୍ଞାନିକମାନେ ପ୍ରତ୍ୟକ୍ଷ ଯୋଗଦାନ କରି ନିଜର ମୂଲ୍ୟବାନ ମନ୍ତବ୍ୟ ପ୍ରଦନା କରିଥିଲେ ।

**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ଲତା ମଲ୍ଲିକ, ତ୍ରିବିଜୟୀ ବଡ଼ଜେନା, ସୁଚିସ୍ମିତା ଦ୍ୱିବେଦୀ, ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ, ରୋଜାଲିନ ପ୍ରହରାଜ



**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**
ଗ୍ରାମ - ପାଣିପଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040
kvknayagarh.ouat@gmail.com